# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 11th December - 2024

### News Editor : *Itishree Singh Rathuar*

*********************************

## ମୁଖ୍ୟ ସମ୍ବାଦ

- ପଞ୍ଚାୟତିରାଜ ବ୍ୟବସ୍ଥା ଦେଶର ସ୍ୱର୍ଣ୍ଣିମ ଭବିଷ୍ୟତର ଆଧାର; କହିଲେ ରାଷ୍ଟ୍ରପତି ।

— ନୂଆଦିଲ୍ଲୀରେ ପ୍ରଦାନ କଲେ ଜାତୀୟ ପଞ୍ଚାୟତ ପୁରସ୍କାର; ଓଡ଼ିଶା ୭ଟି ବର୍ଗରେ ପୁରସ୍କୃତ ।

- ଭବିଷ୍ୟତ ଜ୍ଞାନ ଓ ନବସୃଜନର ଯୁଗ ହେବ; ସ୍ମାର୍ଟ ଇଣ୍ଡିଆ ହାକାଥନ-୨୦୨୪ର ଗ୍ରାଣ୍ଡ ଫିନାଲେରେ କହିଲେ ପ୍ରଧାନମନ୍ତ୍ରୀ ।

- ଭାରତୀୟ ଭାଷା ଉତ୍ସବକୁ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ ।

- ଶେଷ ହେଲା ସପ୍ତଦଶ ବିଧାନସଭାର ଶୀତକାଳୀନ ଅଧିବେଶନ ।

ଏବଂ

- ଓଡ଼ିଶାରେ ଜାତୀୟ ଭେଷଜ ଶିକ୍ଷା ଓ ଅନୁସନ୍ଧାନ ସଂସ୍ଥା ପ୍ରତିଷ୍ଠା ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ପତ୍ର ଲେଖିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

*Desk*

# ପଞ୍ଚାୟତ ପୁରସ୍କାର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ଜାତୀୟ ପଞ୍ଚାୟତ ପୁରସ୍କାର ପ୍ରଦାନ କରିଛନ୍ତି । ଏହି ଅବସରରେ ରାଷ୍ଟ୍ରପତି କହିଛନ୍ତି, ଗାଁର ବିକାଶ ଓ ସଶକ୍ତୀକରଣ ଦେଶକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବ । ପଞ୍ଚାୟତିରାଜ ବ୍ୟବସ୍ଥା ଦେଶର ସ୍ୱର୍ଣ୍ଣିମ ଭବିଷ୍ୟତର ଆଧାର । ଏହା ପ୍ରଶାସନରେ ପାରଦର୍ଶିତା ଆଣିବାରେ ସହାୟକ ହୋଇଛି । ଦେଶର ବିକାଶ କ୍ଷେତ୍ରରେ ପଞ୍ଚାୟତଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଛନ୍ତି । ସୌରଶକ୍ତି, ସବୁଜ ଶକ୍ତି, ପରିବେଶ ସଂରକ୍ଷଣ ଆଦି ଦିଗରେ ପଞ୍ଚାୟତଗୁଡ଼ିକ ଉଲ୍ଲେଖନୀୟ କାର୍ଯ୍ୟ କରୁଛନ୍ତି । ଏହା ନିରନ୍ତର ବିକାଶ ଲକ୍ଷ୍ୟ ହାସଲ ଦିଗରେ ମହତ୍ତ୍ୱପୂର୍ଣ୍ଣ ବୋଲି ରାଷ୍ଟ୍ରପତି କହିଛନ୍ତି । ଏହି ଅବସରରେ ରାଷ୍ଟ୍ରପତି ମହିଳା ସରପଞ୍ଚମାନଙ୍କୁ ନିର୍ଭୀକ ହୋଇ ନିଜର କର୍ତ୍ତବ୍ୟ ସମ୍ପାଦନ କରିବାକୁ ପରାମର୍ଶ ଦେଇଛନ୍ତି ।

***Voice :............***

ସୂଚନା ଅନୁସାରେ, ଦୀର୍ଘସ୍ଥାୟୀ ଓ ସମାବେଶୀ ବିକାଶ ଦିଗରେ ଉଲ୍ଲେଖନୀୟ ଅବଦାନକୁ ସ୍ୱୀକୃତି ଦେବା ଉଦ୍ଦେଶ୍ୟରେ ବିଭିନ୍ନ ବର୍ଗରେ ଆଜି ୪୫ଟି ପଞ୍ଚାୟତିରାଜ ସଂସ୍ଥାକୁ ପୁରସ୍କୃତ କରାଯାଇଛି । ଏଥିରେ ଓଡ଼ିଶାକୁ ୭ଟି ବର୍ଗରେ ପୁରସ୍କାର ମିଳିଛି । ଗଞ୍ଜାମ ଜିଲ୍ଲାର ରଂଗେଇଲୁଣ୍ଡା ବ୍ଲକ୍ କେଲୁଆପଲ୍ଲୀକୁ ସୁସ୍ଥ ପଂଚାୟତ ଭାବେ ଦୀନଦୟାଲ ଉପାଧ୍ୟାୟ ପଞ୍ଚାୟତ ପୁରସ୍କାର, ଆତ୍ମନିର୍ଭରଶୀଳ ଭିତ୍ତିଭୂମି ନିର୍ମାଣ ପାଇଁ ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ

ବ୍ଲକ୍ ସାହାପୁର ପଞ୍ଚାୟତକୁ ପୁରସ୍କୃତ କରାଯାଇଛି । ସୁନ୍ଦରଗଡ଼ ଜିଲ୍ଲାର ବଣାଇଗଡ଼ ବ୍ଲକ୍ କେନ୍ଦ୍ରୀକେଲା ପଞ୍ଚାୟତକୁ ଅଙ୍ଗାରକାମ୍ଳମୁକ୍ତ ବିଶେଷ ପଞ୍ଚାୟତ, ଗଞ୍ଜାମର ଛତ୍ରପୁର ଶ୍ରେଷ୍ଠ ବ୍ଲକ୍ ଓ କୋରାପୁଟ ଶ୍ରେଷ୍ଠ ଜିଲ୍ଲା ପଞ୍ଚାୟତ ପୁରସ୍କାର ପାଇଛନ୍ତି ।

***Desk***

# ପି.ଏମ୍. - ୟଙ୍ଗ ଇନୋଭେସନ୍

ଭବିଷ୍ୟତ ଜ୍ଞାନ ଓ ନବସୃଜନର ଯୁଗ ହେବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି । ପ୍ରଧାନମନ୍ତ୍ରୀ ଆଜି ଆଭାସୀ ଜରିଆରେ ସ୍ମାର୍ଟ ଇଣ୍ଡିଆ ହ୍ୟାକାଥନ-୨୦୨୪ର ଗ୍ରାଣ୍ଡ ଫିନାଲେରେ ଯୁବ ସୃଜନକାରୀମାନଙ୍କ ସହ ମତବିନିମୟ କରି କହିଛନ୍ତି, ଆଜିର ଭାରତ ସମସ୍ତଙ୍କ ପ୍ରୟାସ ଦ୍ୱାରା ହିଁ ଦ୍ରୁତ ଗତିରେ ଅଗ୍ରସର ହୋଇପାରିବ । ଯୁବଶକ୍ତି, ପ୍ରଯୁକ୍ତିବିଦ୍ୟା, ନବସୃଜନ ଦେଶର ମୂଳଦୁଆ । ଯୁବମାନଙ୍କର ଭିଜନ ସରକାରଙ୍କ ମିଶନ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଶ୍ରୀ ମୋଦି କହିଛନ୍ତି, ପୂର୍ବରୁ ଆୟୋଜିତ ହୋଇଥିବା ସ୍ମାର୍ଟ ଇଣ୍ଡିଆ ହାକାଥନରେ ଉପସ୍ଥାପିତ ସମାଧାନର ପନ୍ଥାଗୁଡ଼ିକୁ ବର୍ତ୍ତମାନ ବିଭିନ୍ନ କ୍ଷେତ୍ରରେ ଉପଯୋଗ କରାଯାଉଛି । ଆସନ୍ତା ମାସରେ ବିକଶିତ ଭାରତ ୟଙ୍ଗ ଲିଡର୍ସ ଡାଏଲଗ୍ ଅନୁଷ୍ଠିତ ହେବ । ଏଥିରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଯୁବକମାନେ ଆସନ୍ତା ଜାନୁୟାରୀ ୧୧ ଓ ୧୨ ତାରିଖରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ୟଙ୍ଗ ଲିଡ଼ର୍ସ ଡାଏଲଗ୍‌ରେ ଭାଗ

ନେବାର ସୁଯୋଗ ପାଇବେ । ପ୍ରଧାନମନ୍ତ୍ରୀ ଏହି କାର୍ଯ୍ୟକ୍ରମରେ ସାମିଲ୍ ହେବାକୁ ଯୁବପିଢ଼ିକୁ ଆହ୍ୱାନ ଦେଇଛନ୍ତି ।

***Voice :...........***

ସ୍ମାର୍ଟ ଇଣ୍ଡିଆ ହାକାଥନ୍‌ର ସପ୍ତମ ସଂସ୍କରଣକୁ ଆଜି ପୂର୍ବାହ୍ନରେ ଆଭାସୀ ମାଧ୍ୟମରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ଘାଟନ କରିଥିଲେ । ଦେଶର ୫୧ଟି ନୋଡାଲ ସେଣ୍ଟରରେ ଅନୁଷ୍ଠିତ ସ୍ମାର୍ଟ ଇଣ୍ଡିଆ ହାକାଥନ ଛାତ୍ରଛାତ୍ରୀମାନେ ଦୈନନ୍ଦିନ ଜୀବନରେ ସମ୍ମୁଖୀନ ହେଉଥିବା କେତେକ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ପାଇଁ ଏକ ମଞ୍ଚ ପ୍ରଦାନ କରିଛି ।

***BBSR/R***

# ଭାଷା ଉତ୍ସବ

ଭାଷା ସର୍ବଦା ଆମ ସଂସ୍କୃତି, ଇତିହାସ ଏବଂ ପରମ୍ପରାର ସଂରକ୍ଷଣ କରିଆସୁଛି ବୋଲି ରାଜ୍ୟସ୍ତରୀୟ ଭାରତୀୟ ଭାଷା ଉତ୍ସବର ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଆ ଷଷ୍ଠ ଭାରତୀୟ ଭାଷା ଭାବରେ ଏକ ସ୍ୱତନ୍ତ୍ର ଏବଂ ଶାସ୍ତ୍ରୀୟ ମାନ୍ୟତା ପାଇଥିବା ଭାଷା ମଧ୍ୟରେ ଅନ୍ୟତମ । ଭାଷାଭିତ୍ତିକ ବିବିଧତା ହେଉଛି ଆମର ସର୍ବଶ୍ରେଷ୍ଠ ଶକ୍ତି । ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର

କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ସେହିପରି ଜର୍ଣ୍ଣାଲ୍ ମେକିଂପାଇଁ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ହୋଇଥିଲା ।

***BBSR/R***

# ବିଧାନସଭା ମୁଲତବୀ

ସପ୍ତଦଶ ବିଧାନସଭାର ଦ୍ୱିତୀୟ ତଥା ଶୀତକାଳୀନ ଅଧିବେଶନ ଆଜି ଶେଷ ହୋଇଛି । ବାଚସ୍ପତି ସୁରମା ପାଢ଼ୀ ଅଧିବେଶନକୁ ଅନିର୍ଦ୍ଦିଷ୍ଟକାଳପାଇଁ ମୁଲତବୀ ଘୋଷଣା କରିଛନ୍ତି ।  ଚଳିତ ଅଧିବେଶନରେ ୨୦୨୪-୨୫ ଆର୍ଥିକ ବର୍ଷର ପ୍ରଥମ ଅତିରିକ୍ତ ଖର୍ଚ୍ଚଦାବୀ ଗୃହୀତ ହେବା ସହ ବ୍ୟୟ ମଞ୍ଜୁରି ବିଲ୍ ମଧ୍ୟ ପାରିତ ହୋଇଛି । ଏହାବ୍ୟତୀତ ଓଡ଼ିଶା ଦ୍ରବ୍ୟ ଓ ସେବାକର ସଂଶୋଧନ ବିଲ୍ ଏବଂ ଓଡ଼ିଶା ସାର୍ବଜନୀନ ପରୀକ୍ଷା ବିଲ୍-୨୦୨୪ ମଧ୍ୟ ପାରିତ ହୋଇଛି । ଏହି ଅଧିବେଶନ କାଳରେ ମୋଟ ୧୨ଟି କାର୍ଯ୍ୟଦିବସରେ ଗୃହ ସୁଚାରୁରୂପେ କାର୍ଯ୍ୟ କରିଥିଲା । ଅଧିବେଶନରେ ମୋଟ୍ ୬ଟି ମୁଲତବୀ ପ୍ରସ୍ତାବ ଆଲୋଚନା ହୋଇଥିବାବେଳେ ୩୩ଟି କାଗଜ ଉପସ୍ଥାପିତ ହୋଇଥିଲା । ଆଜିର ବୈଠକ ଶେଷରେ ଗୃହର ନେତା ତଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଧନ୍ୟବାଦ ପ୍ରସ୍ତାବ ରଖିଥିଲେ ।

***Desk***

# ଧର୍ମେନ୍ଦ୍ର - ନାଇପର୍

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓଡ଼ିଶାରେ ଜାତୀୟ ଭେଷଜ ଶିକ୍ଷା ଏବଂ ଅନୁସନ୍ଧାନ ସଂସ୍ଥା - ଏନ୍.ଆଇ.ପି.ଇ.ଆର୍. ପ୍ରତିଷ୍ଠାପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ, ରସାୟନ ଓ ସାର ମନ୍ତ୍ରୀ ଜେ.ପି. ନଡ୍ଡାଙ୍କୁ ପତ୍ର ଲେଖିଛନ୍ତି । ଏହି ସଂସ୍ଥା ପ୍ରତିଷ୍ଠା ହେବାଦ୍ୱାରା ଔଷଧ ବିଷୟରେ ଶିକ୍ଷାଗତ ଏବଂ ଗବେଷଣା ବ୍ୟବଧାନ ଦୂର ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଏହି ପଦକ୍ଷେପ ପୂର୍ବଭାରତରେ ଔଷଧ ଓ ବାୟୋଟେକ୍ କ୍ଷେତ୍ରର ଅଭିବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ । ଶ୍ରୀ ପ୍ରଧାନ କହିଛନ୍ତି, ଭୁବନେଶ୍ୱରସ୍ଥିତ ଓଡ଼ିଶା ବାୟୋଟେକ୍ ପାର୍କରେ ନାଇପର୍ ପ୍ରତିଷ୍ଠାପାଇଁ ଅନୁକୂଳ ପରିବେଶ ରହିଛି । ରାଜ୍ୟରେ ନାଇପର୍ ପ୍ରତିଷ୍ଠା ହେଲେ ଆତ୍ମନିର୍ଭର ଭାରତର ଲକ୍ଷ୍ୟ ସାକାର ହୋଇପାରିବ ବୋଲି କେନ୍ଦ୍ରମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି ।

***BBSR/R***

# ଅକ୍ଷୟ ଶକ୍ତି

ରାଜ୍ୟ ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅଷ୍ଟମ ଏକକ ବାତାୟନ କମିଟି ବୈଠକରେ ୧୯୨ ଦଶମିକ ୪/୧ ମେଗାୱାଟ୍ ଅକ୍ଷୟ ଶକ୍ତି ଉତ୍ପାଦନ ପାଇଁ ୧ ହଜାର ୩୮୬

କୋଟି ୯ ଲକ୍ଷ ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବକୁ ଅନୁମୋଦନ ମିଳିଛି । ଏଥିରେ ୯୯ ମେଗାୱାଟ୍ କ୍ଷମତାସମ୍ପନ୍ନ ପବନ ଶକ୍ତି ପ୍ରକଳ୍ପ, ୯୧ ଦଶମିକ ୭/୭ ମେଗାୱାଟ୍ କ୍ଷମତା ସମ୍ପନ୍ନ ୫ଟି ଭୂମି ଆଧାରିତ ସୌରଶକ୍ତି ପ୍ରକଳ୍ପ ରହିଛି ।

***BBSR/R***

## ଗୀତା ମହୋତ୍ସବ

ହରିୟାଣାର କୁରୁକ୍ଷେତ୍ରରେ ଆୟୋଜିତ ନବମ ଅନ୍ତର୍ଜାତୀୟ ଗୀତା ମହୋତ୍ସବରେ ଓଡ଼ିଶା ମଣ୍ଡପର ସାଂସ୍କୃତିକ ମଞ୍ଚରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ବିମୋହିତ କରିଛି । ଏହି ଅବସରରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି, ଓଡ଼ିଶାର ନୃତ୍ୟ ପରମ୍ପରା କାଳଜୟୀ । ଶାସ୍ତ୍ରୀୟ ନୃତ୍ୟ ଓଡ଼ିଶୀ ଏବଂ ବିଭିନ୍ନ ଲୋକନୃତ୍ୟରେ ଓଡ଼ିଆ ସଂସ୍କୃତି, ପରମ୍ପରା ଓ ଓଡ଼ିଆ ଅସ୍ମିତା ପ୍ରତିବିମ୍ବିତ ହୁଏ ବୋଲି ମନ୍ତ୍ରୀ କହିଛନ୍ତି । ସୂଚନା ଅନୁସାରେ, ଗୀତା ମହୋତ୍ସବରେ ଚଳିତ ବର୍ଷ ଓଡ଼ିଶା ଷ୍ଟେଟ୍ ପାର୍ଟନର ଭାବେ ଯୋଗ ଦେଇଛି ।

*PIB*

# ସାନ୍ତାଳି ଭାଷାରେ ସମାଚାର

ଦୂରଦର୍ଶନ ଓଡ଼ିଆରେ ଆଜି ସାନ୍ତାଳି ଭାଷାର ସମାଚାର ପ୍ରସାରଣ ଆରମ୍ଭ ହୋଇଛି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସାନ୍ତାଳି ଭାଷାର ସମାଚାର ପ୍ରସାରଣ ପାଇଁ ଦୂରଦର୍ଶନ ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟକୁ ଧନ୍ୟବାଦ ଜଣାଇଛନ୍ତି । ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ରରେ ଆଜି ଆୟୋଜିତ କାର୍ଯ୍ୟକ୍ରମରେ ପତ୍ର ସୂଚନା କାର୍ଯ୍ୟାଳୟ ଓ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ ଓଡ଼ିଶା ଶାଖାର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର ଯୋଗଦେଇ କହିଛନ୍ତି, ସାନ୍ତାଳି ସମାଚାର ସାନ୍ତାଳି ସମୁଦାୟର ସ୍ୱପ୍ନ ଓ ଆକାଂକ୍ଷାର ପ୍ରତୀକ । ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ର ପକ୍ଷରୁ ଏହି ସମାଚାର ପ୍ରସାରଣ ସାନ୍ତାଳି ସମୁଦାୟକୁ ନିଜ ଭାଷାରେ ଖବର ଜାଣିବାରେ ସହାୟକ ହେବ । ସାନ୍ତାଳି ଭାଷାରେ ସମାଚାର ପ୍ରସାରଣ କରି ଦୂରଦର୍ଶନ ଓଡ଼ିଆ ଚ୍ୟାନେଲ୍ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିଛି ବୋଲି ଦୂରଦର୍ଶନ କେନ୍ଦ୍ର ମୁଖ୍ୟ ତଥା ଉପ ମହାନିର୍ଦ୍ଦେଶକ ନରସିଂହ ଜେଠୀ କହିଛନ୍ତି ।

***Puri/R***

# ପ୍ରବାସୀ ଭାରତୀୟ ଦିବସ

ଭୁବନେଶ୍ୱରରେ ଆସନ୍ତାମାସ ୮ରୁ ୧୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ପ୍ରବାସୀ ଭାରତୀୟ ଦିବସ କାର୍ଯ୍ୟକ୍ରମ ପାଇଁ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଶେଷ ଆୟୋଜନ କରାଯାଉଛି । ଅତିଥିମାନଙ୍କ ଆତିଥେୟତାପାଇଁ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ସମସ୍ତ ବିଭାଗର ବରିଷ୍ଠ ଅଧିକାରୀମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଅତିଥିମାନେ ପୁରୀ ଶ୍ରୀମନ୍ଦିର, କୋଣାର୍କ ସୂର୍ଯ୍ୟମନ୍ଦିର, ରଘୁରାଜପୁର ଏବଂ ସାତପଡ଼ା ଇକୋ ରିଟ୍ରିଟ୍ ଆଦି ଅଞ୍ଚଳ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି । ପ୍ରତିନିଧିମାନଙ୍କ ପାଇଁ ୫୧ଟି ଭିନ୍ନ ଭିନ୍ନ ହୋଟେଲ୍‌ରେ ସ୍ଲଟ୍ ବୁକିଂ ପାଇଁ ବ୍ୟବସ୍ଥା କରାଯାଇଛି । ପ୍ରାଥମିକ ପର୍ଯ୍ୟାୟରେ ୧୫ ଶହରୁ ଊର୍ଦ୍ଧ୍ୱ ସ୍ଲଟ୍ ଖୋଲା ରଖାଯାଇଥିବା ଜିଲ୍ଲାପାଳ ସୂଚନା ଦେଇଛନ୍ତି ।

***Dhenkanal/R***

# ପର୍ଯ୍ୟଟକ

ଢେଙ୍କାନାଳ ଜିଲ୍ଲାରେ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି ବୋଲି ପର୍ଯ୍ୟଟନ ବିଭାଗ ପକ୍ଷରୁ ସୂଚନା ମିଳିଛି । ଗତବର୍ଷ ୧୭ ଲକ୍ଷ ପର୍ଯ୍ୟଟକ ଜିଲ୍ଲାର ବିଭିନ୍ନ ପର୍ଯ୍ୟଟନ ସ୍ଥଳୀକୁ ଯାଇଥିବା ଜଣାପଡ଼ିଛି । ଚଳିତ

ବର୍ଷ କପିଳାସ, ଯୋରନ୍ଦା ମହିମାଗାଦି, ସପ୍ତଶଯ୍ୟା, ସରାଙ୍ଗସ୍ଥିତ ଅନନ୍ତଶୟନ ଆଦି ସ୍ଥାନରେ ପର୍ଯ୍ୟଟକଙ୍କ ଭିଡ଼ ଦେଖିବାକୁ ମିଳିଛି ।

*****